# ଖବର ଅନ୍ତରାଳର ଖବର
# ଶୈଳେନ୍ଦ୍ର ଦ୍ୱିବେଦୀଙ୍କ 'ମାୟା ମିରିଗ'

ସମ୍ବାଦପତ୍ରର ଆୟୁଷ ମାତ୍ର ଅଧାଦିନର - ଏମିତି ଏକ ପାରମ୍ପରିକ ଧାରଣା ବଦଳିଯିବା ଉଚିତ୍ ନୁହଁ କି ? ପ୍ରତି ମିନିଟ୍‌ରେ ବାସି ପାଲଟି ଯାଉଥିବା ପୃଥିବୀର ଖବରମାନଙ୍କୁ ଐତିହାସିକ ମୂଲ୍ୟ ଦେବା ପାଇଁ କେହି ଜଣେ ଯଦି ଆଗେଇ ଆସେ, ତାକୁ ଆମେ ସ୍ୱାଗତ କରିବା ନା ସନ୍ଦେହ କରିବା ? ଶୈଳେନ୍ଦ୍ର ଦ୍ୱିବେଦୀଙ୍କର 'ମାୟା ମିରିଗ' ବହି ପଢ଼ିଲା ପରେ ଏମିତି କିଛି ପ୍ରଶ୍ନ ଆମକୁ ବ୍ୟତିବ୍ୟସ୍ତ କରିବ ନିଶ୍ଚୟ । ଏ ଯାଏଁ ଖୁବ୍ ଗମ୍ଭୀର ଓ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ କଲମ ଚାଳନା କରୁଥିବା ଲେଖକ (ମନେଅଛି ତ, ଏଇ ଲେଖକଙ୍କର ଅନ୍ୟ ଦୁଇଟି ବହି 'ଅସନ୍ତୁଷ୍ଟ ହେବାର ଅନୁରାଗ' ଓ 'ମୁଖା'ର ମୂଳପିଣ୍ଡ ଥିଲା ଦର୍ଶନ, ସାହିତ୍ୟ ଓ ବିଜ୍ଞାନ) ହଠାତ୍ ସମ୍ବାଦପତ୍ରର ପେପର କଟିଂରେ ନିଜର ନିରୀକ୍ଷଣ ଶକ୍ତିକୁ କେନ୍ଦ୍ରୀଭୂତ କରିଛନ୍ତି । ବହୁଚର୍ଚ୍ଚିତ ଏବଂ ମନ ଦୋହଲା ସମ୍ବାଦ କେତୋଟିକୁ ନେଇ ପୁରା ଗୋଟେ ବହି ଲେଖିବା ସତରେ ଏକ ଆବଶ୍ୟକତା କି, ଏଇ ପ୍ରଶ୍ନଟି ପଚାରୁ ପଚାରୁ ଆପେ ଆପେ ଉତ୍ତର ଆସେ, ଇତିହାସ ବୋଇଲେ ଏମିତି ଗୁଡାଏ ଖବରର ସଂକଳନ ମାତ୍ର - ତେଣୁ ଦେଖ୍ ଖବର - ରଖ୍ ନଜର ।

ଶୈଳେନ୍ଦ୍ର ଦ୍ୱିବେଦୀ ଖବର ଖାଲି ପଢ଼ନ୍ତି ନାହିଁ । ଭିନ୍ନ ଭିନ୍ନ ଲେନ୍ସରେ ଖବରର ନିରୀକ୍ଷଣ, ଅନୁସରଣ, ଅନୁଶୀଳନ କରନ୍ତି । ହଠାତ୍ ଖବରଟିକୁ ଅନୁସୃଜନ କରିପକାନ୍ତି । ଇଏ ଏକ ଅଦ୍ଭୁତ ପ୍ରକ୍ରିୟା । ଖବରକୁ ବିଶ୍ଲେଷଣ କଲାବେଳେ ଏକ ସୂକ୍ଷ୍ମ କଳାତ୍ମକତାର ପ୍ରୟୋଗ କରି ତାକୁ ଅନୁସୃଜନର ମର୍ଯ୍ୟାଦା କ୍ୱଚିତ୍ ଲେଖକ ଦେଇପାରନ୍ତି । ଉମ୍ବାର୍ଟୋ ଇକୋ, ଫ୍ରିଡ୍‌ମ୍ୟାନ୍, ଶଶୀ ଥରୁର୍ ବା ଅରୁନ୍ଧତୀ ରାୟ ଏଇ କୋଟିର ଲେଖକ । ଏମାନେ ଖବରକୁ ନୂଆ ଏକ ଭାଷା ଦିଅନ୍ତି । ଖବର ଭିତରେ ରହିଥିବା ନିରବତାକୁ ଓ ନିରବତାର ବ୍ୟାପକ ଅର୍ଥବୋଧକୁ ଆବିଷ୍କାର କରନ୍ତି । ସେଇ ଧାରାର ଅନୁଗାମୀ ଭାବରେ ଶୈଳେନ୍ଦ୍ର ଦ୍ୱିବେଦୀ ଓଡ଼ିଆ ଭାଷାରେ କିଛିଟା ପ୍ରୟାସ କରିଛନ୍ତି 'ମାୟା ମିରିଗ' ବହିରେ ।




ପ୍ରକାଶକ : କାବ୍ୟଲୋକ, ଭୁବନେଶ୍ୱର
ମୂଲ୍ୟ : ୧୦୦ଟଙ୍କା, ପୃଷ୍ଠା : ୧୯୦

ବହିଟିରେ ସମୁଦାୟ ବତିଶି ପ୍ରବନ୍ଧ । ଓରହାନ୍ ପାମୁକ୍‌ଙ୍କ ଲେଖା ଓ କୃଷ୍ଣମୂର୍ତ୍ତିଙ୍କ ଚିନ୍ତନ ଆଧାରରେ ଲିଖିତ ଲେଖା କେତୋଟିକୁ ବାଦ୍‌ଦେଲେ ପ୍ରତ୍ୟେକ ଲେଖାର ଆଧାର କୌଣସି ନା କୌଣସି ଖବର ବା ଚର୍ଚ୍ଚିତ ଘଟଣା । ବଦଳୁଥିବା ସମୟ ଓ ପୃଥିବୀର ଦୃଶ୍ୟପଟକୁ ନିରେଖି ଦେଖିବାର ଏକ ବିଚକ୍ଷଣ ଦୃଷ୍ଟିଭଙ୍ଗୀ ଏସବୁ ପ୍ରବନ୍ଧର ବଡ ସଫଳତା । ଅନେକାଂଶରେ ଖବର ଗୁଡିକୁ ଗପ ଭାବରେ ବା କେଉଁଠି କେଉଁଠି କାବ୍ୟ ଭାଷାରେ ବିଶ୍ଲେଷଣ କରିବାର ପ୍ରୟାସ କରୁଛନ୍ତି ପ୍ରାବନ୍ଧିକ ।

ଜଗତୀକରଣ ପରବର୍ତ୍ତୀ ପୃଥିବୀର ନିତ୍ୟ ପରିବର୍ତ୍ତନଶୀଳ ଘଟଣାଚକ୍ରକୁ ଲେନ୍ସ ପକାଇ ଦେଖିବା ଏତେ ସହଜ ନୁହେଁ । ସାମ୍ରାଜ୍ୟବାଦ ଏବଂ ନବ୍ୟ ପ୍ରଗତିବାଦ ଭିତରେ ରହିଥିବା ସୂକ୍ଷ୍ମ ସାମଞ୍ଜସ୍ୟକୁ ବାରି ପାରିବା ମଧ୍ୟ ଆଦୌ ସହଜ ନୁହେଁ । ଶୈଳେନ୍ଦ୍ର ଦ୍ୱିବେଦୀ ଏମିତି କେତୋଟି ଅସହଜ କାମକୁ ସହଜରେ ତୁଲାଇବାର ଉଦ୍ୟମ କରିଛନ୍ତି । କିଛିକାଂଶରେ ସଫଳ ମଧ୍ୟ ହୋଇଛନ୍ତି । ୩୨ଟି ଯାକ ପ୍ରବନ୍ଧରେ ମୂଳ ବିଷୟଟି ହେଉଛି ଜଗତୀକରଣ ଓ ତାର କ୍ରିୟା ପ୍ରତିକ୍ରିୟା । ତେବେ ବୈଚାରିକ ଦୃଷ୍ଟିକୋଣରୁ ତାଙ୍କୁ ଆମେ ଏକ ନିର୍ଦ୍ଦିଷ୍ଟ ବାଦ ବା ତତ୍ତ୍ୱରେ ବିଶ୍ୱାସ କରୁଥିବା ଲେଖକ ବୋଲି ଧରିନେଇ ପାରିବା ନାହିଁ । କେବେ କେବେ ସେ ସାମ୍ୟବାଦୀ ପରି ଲାଗୁଥିବା ବେଳେ ଆଉ କେଉଁଠି ଭୀଷଣ ଭାବରେ ଦକ୍ଷିଣପନ୍ଥୀ । ଏହି ବୈଚାରିକ ଦ୍ୱନ୍ଦ୍ୱ ମଧ୍ୟ ଜଗତୀକରଣର ଆଉଏକ ଦାନ । ତତ୍ତ୍ୱ ଅପେକ୍ଷା ତଥ୍ୟର ବିଶ୍ଲେଷଣ ଅନେକାଂଶରେ ଏହି ପ୍ରବନ୍ଧ ସବୁକୁ ପଠନ ଉପଯୋଗୀ କରିଥାଏ । ସମ୍ବାଦପତ୍ରରେ ଏହିସବୁ ଲେଖା ପୂର୍ବରୁ ପ୍ରକାଶିତ । ତେବେ ସାଧାରଣ ସମ୍ବାଦପତ୍ର ସ୍ତମ୍ଭକାର ମାନେ ଯେଉଁପ୍ରକାର ସହଜ ଏବଂ ସୁଲଭ ରାସ୍ତାଟିଏ ବାଛନ୍ତି ଶୈଳେନ୍ଦ୍ର ଦ୍ୱିବେଦୀ ତାହାର ଏକ ବ୍ୟତିକ୍ରମ । ବ୍ୟତିକ୍ରମୀ ହେବା ହିଁ ତାଙ୍କର ଓ ତାଙ୍କ ବହିର ବିଶେଷତ୍ୱ ।